## ପ୍ରେସ୍ ନୋଟ୍

# ସାଧାରଣ ନିର୍ବାଚନରେ ମତଦାନ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ବୁଥ୍ ସଂଶୋଧନ କାର୍ଯ୍ୟକୁ ନେଇ ବୈଠକ ଅନୁଷ୍ଠିତ ।

ଅନୁଗୋଳ,ତା.୧୬.୯:- ୬୧-ଅନୁଗୋଳ,୬୨-ଛେଣ୍ଡିପଦା (ସରଂକ୍ଷିତ) ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବୁଥ୍‌ରେ ମତଦାନ ନିମନ୍ତେ ଭୋଟରମାନଂକର ସୁବିଧାକୁ ଦୃଷ୍ଟିରେ ରଖି ବୁଥ୍ ସଂଶୋଧନ ବୈଠକ ଆଜି ପୂର୍ବାହ୍ନରେ ନିର୍ବାଚନ ଅଧିକାରୀ ତଥା ଉପ ଜିଲ୍ଲାପାଳ ଶ୍ରୀ ବୈତୁରା ଦିପ୍‌ଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇ ବୁଥ୍ ସଂଶୋଧନ ସମ୍ପର୍କରେ ମତାମତ ଦେଇଥିଲେ । ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ୨୪୬ ବୁଥ୍ ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ୨୨୭ ବୁଥ୍ ସମୁଦାୟ ୪୭୩ ବୁଥର ଅବସ୍ଥିତି ଓ ଦୂରତାକୁ ନେଇ ଭୋଟର ମାନଂକର ମତଦାନକୁ କିପରି ସୁରୁଖୁରୁରେ ପରିଚାଳିତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଅନୁଗୋଳ ଉପଖଣ୍ଡର ଏହି ୨ଟି ନିର୍ବାଚନମଣ୍ଡଳୀର ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକାର ନିର୍ବାହୀ ଅଧିକାରୀଂକ ତଥ୍ୟ ଆଧାରରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବୁଥ୍ ଗୁଡିକର ଅବସ୍ଥିତି ପରିବର୍ତ୍ତନ ହେବା ପରେ ଏହାର ସବିଶେଷ ତାଲିକା ପ୍ରକାଶନ କରାଯାଉଛି । ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଉପସ୍ଥିତ ରାଜନୈତିକ ଦଳମାନଂକର ସହମତିରେ ଦୁଇ ନିର୍ବାଚନ ମଣ୍ଡଳୀର ସଠିକ୍ ବୁଥ୍ ତାଲିକା ପ୍ରସ୍ତୁତ କରାଯିବ । ବୁଥ୍ ନମ୍ବର ୪୮ ଅନୁଗୋଳ ଟାଉନ୍ ପ୍ରାଥମିକ ବିଦ୍ୟାଳୟର ଭୋଟର ସେମାନଂକ ଅଂଚଳର ହୁଲୁରୁସିଂଗା ଉଚ୍ଚ ବିଦ୍ୟାଳୟରେ ମତଦାନ କରିବେ । ସେହିପରି ବୁଥ୍ ନମ୍ବର ୯୮ ବଳରାମ ପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭୋଟରମାନେ ସେମାନଂକ ଗ୍ରାମ ନିକଟସ୍ଥ କେନ୍ଦୁପାଟଣା ପ୍ରାଥମିକ ବିଦ୍ୟାଳୟରେ ମତଦାନ କରିବେ । ଏହି ବୈଠକରେ ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ତ୍ରିବିକ୍ରମ କୁମୁରା, ସହକାରୀ ଜିଲ୍ଲାପାଳ (ନିର୍ବାଚନ) ଶ୍ରୀ ସୁକାନ୍ତ କୁମାର ସାହୁ, ଡେପୁଟୀ କଲେକ୍ଟର(ରାଜସ୍ବ) ଶ୍ରୀ ରାଜିବ ଲୋଚନ ବେହେରା, ବିଜୁ ଜନତା ଦଳ ପ୍ରତିନିଧି ଶ୍ରୀ ପ୍ରିୟଦର୍ଶୀ ପଟ୍ଟନାୟକ ,ଭାରତୀୟ ଜନତା ପାର୍ଟି ପ୍ରତିନିଧି ଶ୍ରୀ ଗଙ୍ଗାଧର ପଟ୍ଟନାୟକ ଓ ବହୁଜନ ସମାଜ ପାର୍ଟି ପ୍ରତିନିଧି ଶ୍ରୀ କୁମୁଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୫୪୨ ତା.୧୬.୯.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।


realme Shot on realme 9 Pro+
2022.09.16 11:34